**ଭାରତର ନିର୍ବାଚନ ଆୟୋଗ**

**ବନାମ**

**ତେଲେଙ୍ଗାନା ରାଷ୍ଟ୍ର ସମିତି ଏବଂ ଅନ୍ୟ ଜଣେ**

**(ଦେୱାନୀ ଆବେଦନ ସଂଖ୍ୟା 10244/2010)**

**ଡିସେମ୍ବର 8, 2010**

**[ଅଲତମାସ୍ କବୀର ଏବଂ ଏ. କେ. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ନିର୍ବାଚନ ଆଇନ - ରାଜ୍ୟ ବିଧାନସଭା - ସଦସ୍ୟମାନଙ୍କ ଇସ୍ତଫା - ନିର୍ବାଚନ ଯାଚିକାର ବିଚାରଧୀନତା ହେତୁ ନିର୍ବାଚନ ଆୟୋଗ ଦୁଇଟି ନିର୍ବାଚନମଣ୍ଡଳୀରେ ଉପ-ନିର୍ବାଚନକୁ ସ୍ଥଗିତ ରଖିଛନ୍ତି - ନିର୍ବାଚନ ଆୟୋଗଙ୍କ ନିର୍ଣ୍ଣୟକୁ ଆପତ୍ତି କରାଯାଇଛି - ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ନିର୍ବାଚନ ଆୟୋଗ ସେହି ନିର୍ବାଚନମଣ୍ଡଳୀଗୁଡ଼ିକର ନିର୍ବାଚନକୁ ସଠିକ୍ ଭାବରେ ସ୍ଥଗିତ ରଖିଛନ୍ତି - ରାୟ ପ୍ରଦାନ ଦିନ, ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଯାଇଥିଲା ଯେ ସେହି ଦୁଇଟି ନିର୍ବାଚନମଣ୍ଡଳୀରେ ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ହୋଇସାରିଥିଲା - ସ୍ପଷ୍ଟ କରାଯାଇଥିଲା ଯେ ଆବେଦନଟି ସମ୍ବିଧାନର ଅନୁଚ୍ଛେଦ 190 (3) (b) ସହିତ ପାଠ କରାଯାଇଥିବା ଲୋକ ପ୍ରତିନିଧିତ୍ୱ ଅଧିନିୟମର ଧାରା 151A ର ବ୍ୟାଖ୍ୟା ମଧ୍ୟରେ ସୀମିତ ଥିଲା - ସେଠାରେ ଏହି ନିର୍ଣ୍ଣୟ ପୂର୍ବରୁ ଅନୁଷ୍ଠିତ ଉପ-ନିର୍ବାଚନକୁ ପ୍ରଭାବିତ କରିବ ନାହିଁ - ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951 - ଧାରା 151A - ଭାରତର ସମ୍ବିଧାନ, 1950 - ଅନୁଚ୍ଛେଦ 190 (3) (b)* ।

**ନିର୍ବାଚନ ଯାଚିକାର ବିଚାରଧୀନତା ହେତୁ ନିର୍ବାଚନ ଆୟୋଗଙ୍କ ରାଜ୍ୟ ବିଧାନସଭାର ଦୁଇଟି ନିର୍ବାଚନମଣ୍ଡଳୀରେ ଉପ-ନିର୍ବାଚନକୁ ସ୍ଥଗିତ ରଖିବାର ନିର୍ଣ୍ଣୟକୁ ସର୍ବୋଚ୍ଚ ନ୍ୟାୟାଳୟ ସମର୍ଥନ କରିଥିଲେ । ରାୟ ପ୍ରଦାନ ଦିନ, ନ୍ୟାୟାଳୟଙ୍କ ଦୃଷ୍ଟିକୁ ଏହା ଅଣାଯାଇଥିଲା ଯେ ସେହି ନିର୍ବାଚନମଣ୍ଡଳୀରେ ଉପ-ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ହୋଇସାରିଥିଲା ।**

**ଏହି ନିର୍ଣ୍ଣୟକୁ ସ୍ପଷ୍ଟ କରି ନ୍ୟାୟାଳୟ ବିଚାର କରିଥିଲେ ଯେ:**

**ଏହା ସ୍ପଷ୍ଟ କରାଯାଇଛି ଯେ, ଯଦିଓ ଭାରତର ସମ୍ବିଧାନର ଅନୁଚ୍ଛେଦ 190 (3) (b) ସହିତ ପଠିତ ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951 ର ଧାରା 151-A ର ବ୍ୟାଖ୍ୟା କାରଣରୁ ଏହି ନ୍ୟାୟାଳୟ ଅନୁମତି ଦେଇଥିଲେ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିଥିଲେ, ଏହା**

**27 ଜୁଲାଇ, 2010 ରେ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପୂର୍ବରୁ ଅନୁଷ୍ଠିତ ଉପ-ନିର୍ବାଚନକୁ ପ୍ରଭାବିତ କରିବ ନାହିଁ । [ଅନୁଚ୍ଛେଦ 3] [498-B-C]**

3.10.2010 ର *ଭାରତର ନିର୍ବାଚନ ଆୟୋଗ ବନାମ ତେଲେଙ୍ଗାନା ରାଷ୍ଟ୍ର ସମିତି ଏବଂ ଅନ୍ୟଜଣେ* ମାମଲାର ରାୟକୁ ସ୍ପଷ୍ଟ କରାଯାଇଛି ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 10244/2010 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 14443/2010 ରେ ହାଇଦ୍ରାବାଦସ୍ଥିତ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ 30.6.2010 ର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀଙ୍କ ତରଫରୁ ମୀନାକ୍ଷୀ ଆରୋଡ଼ା, ପୋଲି କଟକାଇ ।

ଉତ୍ତରଦାତାମାନଙ୍କ ତରଫରୁ ଇନ୍ଦିରା ଜୟସିଂହ, ଏ. ଏସ୍. ଜି., ଡି. ରାମକ୍ରିଷ୍ଣ ରେଡ୍ଡୀ, ସୋନମ ଆନନ୍ଦ, ଜେ. ରାମଚନ୍ଦ୍ର ରାଓ, ପି. ଭେଙ୍କଟ ରେଡ୍ଡୀ, ବି. ଡି. ରାମମୂର୍ତ୍ତି, ଅନୀଲ କୁମାର ଟଣ୍ଡାଲେ ।

ନ୍ୟାୟାଳୟଙ୍କ ଏହି ରାୟ ନ୍ୟାୟମୂର୍ତ୍ତି ଅଲତମାସ୍ କବୀରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା -

1. 2010 ଡିସେମ୍ବର 3 ତାରିଖରେ, ଯେତେବେଳେ ଏସ୍. ଏଲ୍. ପି. (ସି) ସଂଖ୍ୟା 20590/2010 ରୁ ହୋଇଥିବା ଦେୱାନୀ ଆବେଦନରେ ରାୟ ପ୍ରଦାନ କରାଯାଇଥିଲା, ସେତେବେଳେ ଭାରତର ନିର୍ବାଚନ ଆୟୋଗଙ୍କ ତରଫରୁ ବିଜ୍ଞ ଓକିଲ ସୁଶ୍ରୀ ମୀନାକ୍ଷୀ ଆରୋଡ଼ା ଆମ୍ଭ ଦୃଷ୍ଟିକୁ ଏହା ଆଣିଥିଲେ ଯେ ଆନ୍ଧ୍ରପ୍ରଦେଶର 28-ଭେମୁଲାୱାଡା ଏବଂ 29-ସିରସିଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ 2010 ଜୁଲାଇ 27 ତାରିଖରେ ଅନୁଷ୍ଠିତ ହୋଇସାରିଥିଲା । ବାସ୍ତବରେ, ଯେତେବେଳେ 22 ଜୁଲାଇ, 2010 ରେ ବିଶେଷ ଅନୁମତି ଆବେଦନରେ ସୂଚନା ଜାରି କରାଯାଇଥିଲା, ସେତେବେଳେ ଏହା ଆମ୍ଭ ଦୃଷ୍ଟିକୁ ଆସିଥିଲା ଯେ ଉକ୍ତ ଦୁଇଟି ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ପୂର୍ବରୁ ଅଧିସୂଚିତ ହୋଇସାରିଥିଲା ଏବଂ 27 ଜୁଲାଇ, 2010 ରେ ଅନୁଷ୍ଠିତ ହେବାର ଥିଲା ।

2. ତଦନୁସାରେ, ସୂଚନା ଜାରି କରିବା ସମୟରେ, ଆମ୍ଭେ ଏହାକୁ କେବଳ ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951 ର ଧାରା 151-A ର ବ୍ୟାଖ୍ୟା ସମ୍ବନ୍ଧୀୟ ପ୍ରଶ୍ନ ମଧ୍ୟରେ ସୀମିତ

ରଖିଥିଲୁ, ଯେଉଁଥିରେ ଏକ ନିର୍ବାଚନୀ ଯାଚିକା ବିଚାରାଧୀନ ଥିବା ବେଳେ ଏକ ଆସନ ଖାଲିହେବା ତାରିଖ ଠାରୁ ଛଅ ମାସ ମଧ୍ୟରେ ସେହି ଆସନରେ ନିର୍ବାଚନ ଅନୁଷ୍ଠିତ ହେବା ସମ୍ବନ୍ଧରେ ଥିଲା । ଆମ୍ଭେ ପୂର୍ବରୁ ସ୍ପଷ୍ଟ କରିସାରିଥିଲୁ ଯେ ବିଶେଷ ଅନୁମତି ଆବେଦନର ବିଚାରାଧୀନତା ନିର୍ବାଚନକୁ ପ୍ରଭାବିତ କରିବ ନାହିଁ, ଯାହା ପୂର୍ବରୁ ଅଧିସୂଚିତ ହୋଇସାରିଥିଲା ଏବଂ 27 ଜୁଲାଇ, 2010 ରେ ଅନୁଷ୍ଠିତ ହେବାର ଥିଲା । ତେଣୁ କେବଳ ଉପରୋକ୍ତ ଅଧିନିୟମର ଧାରା 158-A ର ବ୍ୟାଖ୍ୟା ଆଧାରରେ ସେହି ଦେୱାନୀ ଆବେଦନର ଶୁଣାଣି କରାଯାଇଥିଲା ।

3. ଏହା ସ୍ପଷ୍ଟ କରାଯାଇଛି ଯେ, ଯଦିଓ ଭାରତର ସମ୍ବିଧାନର ଅନୁଚ୍ଛେଦ 190 (3) (b) ସହିତ ପଠିତ ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951 ର ଧାରା 151-A ର ବ୍ୟାଖ୍ୟା କାରଣରୁ ଆମ୍ଭେ ଅନୁମତି ଦେଇଥିଲୁ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିଥିଲୁ, ଏହା 27 ଜୁଲାଇ, 2010 ରେ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପୂର୍ବରୁ ଅନୁଷ୍ଠିତ ଉପ-ନିର୍ବାଚନକୁ ପ୍ରଭାବିତ କରିବ ନାହିଁ ।

କେ.କେ. ଟି. ପ୍ରସଙ୍ଗଟିର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।